# ଓଡ଼ିଶା ପୋଲିସ, ରାଉରକେଲା

## ଅପରେସନ "ସାଇବର କବଚ" ଅଧୀନରେ ଅବୈଧ କ୍ରିକେଟ ବେଟିଂ ସିଣ୍ଡିକେଟ୍‌ର ପର୍ଦ୍ଦାଫାସ – ରାଉରକେଲା ପୋଲିସ

| | |
|---|---|
| ମାମଲା ସଂଖ୍ୟା | ବଣ୍ଡାମୁଣ୍ଡା ଥାନା ମାମଲା ନଂ-୮୬, ତାରିଖ-୧୯.୦୨.୨୦୨୬, ଧାରା-୩୧୮(୮)/୩୪୦(୨)/ ୩୩୬(୩)/ ୬୧(୨)/ ୧୧୨(୨) ବି.ଏନ୍.ଏସ୍. ସହ ପଠିତ ଧାରା-୩/୪/୫ ଓ.ପି.ଜି. ଆଇନ ଏବଂ ଧାରା-୬୬(C)/ ୬୬(D) ଆଇ.ଟି. ଆଇନ । |
| ମାମଲା ସଂକ୍ଷିପ୍ତ ବିବରଣୀ | ବିଶ୍ୱସନୀୟ ଏବଂ ଗୋପନୀୟ ସୂଚନା ଆଧାରରେ ଚାଲୁଥିବା ଟି-୨୦ କ୍ରିକେଟ ୱାର୍ଲ୍ଡ କପ୍-୨୦୨୬ ସମ୍ବନ୍ଧୀୟ ଅବୈଧ ବେଟିଂ କାର୍ଯ୍ୟକଳାପ ବଣ୍ଡାମୁଣ୍ଡା ସେକ୍ଟର-ବି, ରାଉରକେଲାରୁ ଏକ ସଂଗଠିତ ଚକ୍ର ଦ୍ୱାରା ପରିଚାଳିତ ହେଉଥିବା ବିଷୟରେ ସୂଚନା ପାଇ ରାଉରକେଲା ପୋଲିସ ପକ୍ଷରୁ ଯଥାଯଥ ଯାଞ୍ଚ ଏବଂ ନଜରଦାରୀ ପରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା ।<br>ଏହି ଅଭିଯାନ ସମୟରେ ୦୬ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିବା ବେଳେ ତାଙ୍କ ନିକଟରୁ ନଗଦ ଟଙ୍କା ୩୦,୬୫,୦୦୦/- ସହ ମୋବାଇଲ ଫୋନ, ଲ୍ୟାପଟପ୍ ଏବଂ ଅବୈଧ ବେଟିଂ କାର୍ଯ୍ୟରେ ବ୍ୟବହୃତ ଯାନବାହନ ଜବତ କରାଯାଇଥିଲା ।<br>ପ୍ରାରମ୍ଭିକ ତଦନ୍ତ ଏବଂ ପଚରାଉଚରାରୁ ଜଣାପଡ଼ିଥିଲା ଯେ, ଅଭିଯୁକ୍ତମାନେ ଟି-୨୦ ୱାର୍ଲ୍ଡ କପ୍ ମ୍ୟାଚ୍‌କୁ କେନ୍ଦ୍ର କରି ଅନଲାଇନ ଏବଂ ଅଫଲାଇନ ଭାବରେ ଅବୈଧ କ୍ରିକେଟ ବେଟିଂ/ଜୁଆ କାର୍ଯ୍ୟକଳାପରେ ସକ୍ରିୟ ଭାବେ ଜଡ଼ିତ ଥିଲେ ଏବଂ ଅନୈତିକ ଆର୍ଥିକ ଲାଭ ହାସଲ କରୁଥିଲେ । ସେମାନେ ଅଧିକ ଆର୍ଥିକ ଲାଭର ପ୍ରଲୋଭନ ଦେଇ ସାଧାରଣ ଲୋକଙ୍କୁ ଏହି ଅବୈଧ ବେଟିଂରେ ଆକୃଷ୍ଟ କରି ଠକେଇ କରୁଥିଲେ ।<br>ଦୀର୍ଘ ସମୟ ଧରି ପଚରାଉଚରା ସମୟରେ ମୁଖ୍ୟ ଅଭିଯୁକ୍ତ ରୋହିତ ଭଗତ ସ୍ୱୀକାର କରିଥିଲେ ଯେ, ସେ ତାଙ୍କ ଭାଇ ପଙ୍କଜ କୁମାର ଭଗତ ଏବଂ ସହଯୋଗୀ ସୋନୁ ରାଓ ଓ ମୁକେଶ ସାହୁଙ୍କ ସହ ମିଶି "Silver Exchange" ନାମକ ଏକ ଅନଲାଇନ ଗେମିଂ ଆପ୍ ମାଧ୍ୟମରେ ବେଟିଂ କାର୍ଯ୍ୟକଳାପ ଚାଳାଉଥିଲେ । ପରେ ଏହି ID ଗୁଡ଼ିକୁ ବିଭିନ୍ନ ଗ୍ରାହକଙ୍କ ମଧ୍ୟରେ ପ୍ରଚାର କରି ଅବୈଧ ବେଟିଂ ଲେନଦେନ ସୁବିଧା ଯୋଗାଉଥିଲେ ।<br>ଅଧିକ ତଦନ୍ତରୁ ବିସ୍ରା ଦହର ରୋଡ୍, ରାଉରକେଲାର ଜିତେନ୍ଦ୍ର ଅଗ୍ରୱାଲ ଏବଂ ସୁରେଶ କୁମାର ଖେମକାଙ୍କ ସମ୍ପୃକ୍ତି ସମ୍ପର୍କରେ ମଧ୍ୟ ତଥ୍ୟ ମିଳିଥିଲା । ସେମାନେ ଏହି ଅବୈଧ ବେଟିଂ କାର୍ଯ୍ୟକଳାପରେ ନିବେଶ ଏବଂ ସହଯୋଗ କରୁଥିବା ଜଣାପଡ଼ିଛି ।<br>ତଦନ୍ତରୁ ଏହା ମଧ୍ୟ ପ୍ରକାଶ ପାଇଛି ଯେ, ଅଭିଯୁକ୍ତମାନେ କେବଳ ରାଉରକେଲା ନୁହେଁ, ବରଂ ଓଡ଼ିଶାର ଅନ୍ୟାନ୍ୟ ସ୍ଥାନ ଏବଂ ରାଜ୍ୟ ବାହାରକୁ ମଧ୍ୟ ବିସ୍ତାରିତ ଏକ ସଂଗଠିତ ଅବୈଧ ବେଟିଂ ଚକ୍ର ପରିଚାଳନା କରୁଥିଲେ । ଏହି ଚକ୍ରରେ ID ସଂଗ୍ରହ, ଗ୍ରାହକ ପରିଚାଳନା, ଆର୍ଥିକ ଲେନଦେନ ଏବଂ ସମନ୍ୱୟ ଭଳି ବିଭିନ୍ନ ଭୂମିକା ରହିଥିଲା ।<br>ଅଧିକ ସହଯୋଗୀଙ୍କ ଚିହ୍ନଟ, ଆର୍ଥିକ ଲେନଦେନର ସନ୍ଧାନ ଏବଂ ସମଗ୍ର ନେଟୱର୍କକୁ ଧ୍ୱଂସ କରିବା ପାଇଁ ତଦନ୍ତ ଜାରି ରହିଛି । |
| ଗିରଫ ଅଭିଯୁକ୍ତ ମାନେ | ୧. ରୋହିତ ଭଗତ (୨୭), ପିତା – ଛୋଟନ ଭଗତ ।<br>୨. ପଙ୍କଜ କୁମାର ଭଗତ (୩୧), ପିତା – ଛୋଟନ ଭଗତ ।<br>ଉଭୟଙ୍କ ଠିକଣା – ସେକ୍ଟର-ବି, ଥାନା – ବଣ୍ଡାମୁଣ୍ଡା, ରାଉରକେଲା, ଜିଲ୍ଲା – ସୁନ୍ଦରଗଡ଼ ।<br>୩. ସୋନୁ ରାଓ (୩୦), ପିତା – ସ୍ୱର୍ଗତ ବିଶ୍ୱନାଥ ରାଓ, ଲାଲବିଲ୍ଡିଂ, ତେଲୁଗୁ ବସ୍ତି, ଥାନା – ପ୍ଲାଣ୍ଟସାଇଟ, ରାଉରକେଲା, ଜିଲ୍ଲା – ସୁନ୍ଦରଗଡ଼ ।<br>୪. ମୁକେଶ ସାହୁ (୪୮), ପିତା – ସ୍ୱର୍ଗତ ବିଶ୍ୱନାଥ ସାହୁ, କାଲୁଙ୍ଗା, ଥାନା – ବ୍ରାହ୍ମଣୀତରଙ୍ଗ, ରାଉରକେଲା, ଜିଲ୍ଲା – ସୁନ୍ଦରଗଡ଼ ।<br>୫. ଜିତେନ୍ଦ୍ର ଅଗ୍ରୱାଲ (୪୨), ପିତା – ସ୍ୱର୍ଗତ ରାମାବତାର ଅଗ୍ରୱାଲ ଏବଂ<br>୬. ସୁରେଶ ଖେମକା (୫୬), ପିତା – ସ୍ୱର୍ଗତ ଦଶରଥ ଖେମକା ।<br>ଉଭୟଙ୍କ ଠିକଣା – ବିସ୍ରା ଦହର ରୋଡ୍, ଥାନା – ଉଦିତନଗର, ରାଉରକେଲା, ଜିଲ୍ଲା – ସୁନ୍ଦରଗଡ଼ । |

| | |
|---|---|
| ଜବତ ସାମଗ୍ରୀ | ୧. ମୋଟ ନଗଦ ଟଙ୍କା ୩୦,୬୫,୦୦୦/- ।<br>୨. ଏକ ଆଇ-ଫୋନ ୧୭ ପ୍ରୋ ମ୍ୟାକ୍ସ ।<br>୩. HP କମ୍ପାନୀର ୦୨ଟି ଲ୍ୟାପଟପ୍ ।<br>୪. ଏକ ଗ୍ୟାଲାକ୍ସି S25 ମୋବାଇଲ ଫୋନ ।<br>୫. ଏକ ସିଲଭର ରଙ୍ଗର ଆଇ-ଫୋନ ୧୭ ପ୍ରୋ ମ୍ୟାକ୍ସ ।<br>୬. କଳା ରଙ୍ଗର ମହିନ୍ଦ୍ରା ଥାର ଚାରିଚକିଆ ଗାଡ଼ି ନଂ OD-14AE-4668 ।<br>୭. ଏକ Vivo 40-E ମୋବାଇଲ ଫୋନ ।<br>୮. ଏକ VIVO Y-75 ମୋବାଇଲ ଫୋନ ।<br>୯. ଏକ Xiaomi ମୋବାଇଲ ଫୋନ ।<br>୧୦. ଏକ Realme ମୋବାଇଲ ଫୋନ । |
| ଅଭିଯୁକ୍ତ ମାନଙ୍କ ଅପରାଧିକ ପୂର୍ବ ଇତିହାସ (C/A) : | (୧). ରୋହିତ ଭଗତ (୨୭), ପିତା – ଛୋଟନ ଭଗତ, ସେକ୍ଟର-ବି, ଥାନା – ବଣ୍ଡାମୁଣ୍ଡା, ରାଉରକେଲା, ଜିଲ୍ଲା – ସୁନ୍ଦରଗଡ଼ଙ୍କ ବିରୋଧରେ ନିମ୍ନଲିଖିତ ମାମଲାଗୁଡ଼ିକ ରହିଛି :-<br>i. ମାମଲା ନଂ-୦୬/୨୦୧୮, ଧାରା-୩୨୩/୩୪୧/୪୨୭/୫୦୬/୩୪ ଭାରତୀୟ ଦଣ୍ଡ ସଂହିତା ସହ ଧାରା-୩(୨)(v) SC/ST Prevention Act ।<br>ii. ମାମଲା ନଂ-୯୮/୨୦୨୩, ଧାରା-୩୨୩/୩୦୭/୩୪୧/୫୦୬/୩୪ ଭାରତୀୟ ଦଣ୍ଡ ସଂହିତା ।<br>iii. ମାମଲା ନଂ-୧୨୬/୨୩, ଧାରା-୨୯୪-A/୪୨୦/୩୪ ଭାରତୀୟ ଦଣ୍ଡ ସଂହିତା ।<br>iv. ମାମଲା ନଂ-୧୮୪/୨୦୨୫, ଧାରା-୩୫୧(୨)/୧୨୬(୨)/୨୯୬/୩(୫) ବି.ଏନ୍.ଏସ୍ ।<br>(୨). ପଙ୍କଜ କୁମାର ଭଗତ (୩୧), ପିତା – ଛୋଟନ ଭଗତ, ସେକ୍ଟର-ବି, ଥାନା – ବଣ୍ଡାମୁଣ୍ଡା, ରାଉରକେଲା, ଜିଲ୍ଲା – ସୁନ୍ଦରଗଡ଼ଙ୍କ ବିରୋଧରେ ନିମ୍ନଲିଖିତ ମାମଲାଗୁଡ଼ିକ ରହିଛି :-<br>i. ମାମଲା ନଂ-୦୬/୨୦୧୮, ଧାରା-୩୨୩/୩୪୧/୪୨୭/୫୦୬/୩୪ ଭାରତୀୟ ଦଣ୍ଡ ସଂହିତା ସହ ଧାରା-୩(୨)(v) SC/ST Prevention Act ।<br>ii. ମାମଲା ନଂ-୯୮/୨୦୨୩, ଧାରା-୩୨୩/୩୦୭/୩୪୧/୫୦୬/୩୪ ଭାରତୀୟ ଦଣ୍ଡ ସଂହିତା ।<br>iii. ମାମଲା ନଂ-୧୨୬/୨୩, ଧାରା-୨୯୪-A/୪୨୦/୩୪ ଭାରତୀୟ ଦଣ୍ଡ ସଂହିତା ।<br>iv. ମାମଲା ନଂ-୧୮୪/୨୦୨୫, ଧାରା-୩୫୧(୨)/୧୨୬(୨)/୨୯୬/୩(୫) ବି.ଏନ୍.ଏସ୍ ।<br>v. ମାମଲା ନଂ-୦୨/୨୦୧୮, ଧାରା-୧୨୦-B/୨୯୪/୩୫୩/୫୦୬/୩୪ ଭାରତୀୟ ଦଣ୍ଡ ସଂହିତା ।<br>vi. ମାମଲା ନଂ-୯୬/୨୦୧୮, ଧାରା-୧୮୬/୨୯୪/୩୫୩/୫୦୬/୩୪ ଭାରତୀୟ ଦଣ୍ଡ ସଂହିତା ସହ ଧାରା-୩ ଓ.ପି.ଜି. ଆଇନ ।<br>vii. ମାମଲା ନଂ-୯୮/୨୦୧୮, ଧାରା-୨୯୪/୩୫୩/୫୦୬/୩୪ ଭାରତୀୟ ଦଣ୍ଡ ସଂହିତା ସହ ଧାରା-୩ ଓ.ପି.ଜି. ଆଇନ ।<br>viii. ମାମଲା ନଂ-୧୧୦/୨୦୧୮, ଧାରା-୨୯୪/୩୫୩/୫୦୬/୩୪ ଭାରତୀୟ ଦଣ୍ଡ ସଂହିତା ସହ ଧାରା-୩ ଓ.ପି.ଜି. ଆଇନ ।<br>ix. ମାମଲା ନଂ-୧୬୪/୨୦୧୯, ଧାରା-୨୯୪/୨୯୪-A/୩୫୩/୫୦୬/୩୪ ଭାରତୀୟ ଦଣ୍ଡ ସଂହିତା ସହ ଧାରା-୩ ଓ.ପି.ଜି. ଆଇନ ।<br>x. ମାମଲା ନଂ-୮୩/୨୦୨୩, ଧାରା-୩ ଓ.ପି.ଜି. ଆଇନ ।<br>ଅନ୍ୟାନ୍ୟ ଅଭିଯୁକ୍ତମାନଙ୍କ ଅପରାଧିକ ପୂର୍ବ ଇତିହାସ (C/A) ଯାଞ୍ଚ ଚାଲିଛି । |